# ପଶ୍ଚିମବଙ୍ଗକୁ ଦେଲେ ୧ ହଜାର କୋଟି ସହାୟତା

**କୋଲକାତା,୨୨।୫/ଏଜେନ୍ସି :**



ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମୁଦ୍ରିକ ଝଡ଼ 'ଅମ୍ପନ' ପ୍ରଭାବିତ ପଶ୍ଚିମବଙ୍ଗକୁ ଜରୁରିକାଳୀନ ସହାୟତା ଭାବେ ୧ ହଜାର କୋଟି ଟଙ୍କା ଦେବାପାଇଁ ଘୋଷଣା କରିଛନ୍ତି। କ୍ଷୟକ୍ଷତି ସମ୍ପର୍କିତ ବିସ୍ତୃତ ରିପୋର୍ଟ ପାଇବା ପରେ ପରବର୍ତ୍ତୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତର ୨୪ ପ୍ରଗଣାର ବସିରହାଟରେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନଖର ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ କେନ୍ଦ୍ର ସରକାର ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି। ପ୍ରାଥମିକ ଆକଳନ ଅନୁସାରେ ପଶ୍ଚିମବଙ୍ଗରେ ୮୦ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଶୁକ୍ରବାର ସକାଳେ କୋଲକାତା ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ବାନାର୍ଜୀ ସ୍ୱାଗତ କରିଥିଲେ। ସାମୁଦ୍ରିକ ଝଡ଼ ଅମ୍ପନକୁ ଜାତୀୟ ବିପତ୍ତି ରୂପେ ଘୋଷଣା କରିବା ପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟକୁ ୫୬ ହଜାର କୋଟି ଟଙ୍କାର ସହାୟତା ଦେବାକୁ ସେ ଅନୁରୋଧ କରିଥିଲେ। ଉଭୟ ପ୍ରଧାନମନ୍ତ୍ରୀ ମୋଦୀ ଓ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଆକାଶମାର୍ଗରୁ ପଶ୍ଚିମବଙ୍ଗର ବାତ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାବୁଲ ସୁପ୍ରିୟୋ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଦେବଶ୍ରୀ ଚୌଧୁରୀଙ୍କ ସମେତ ଆଉ ଦୁଇଜଣ ନେତା ମଧ୍ୟ ଆକାଶମାର୍ଗରୁ ସାମୁଦ୍ରିକ ଝଡ଼ ପ୍ରଭାବିତ ଅଞ୍ଚଳକୁ ପରିଦର୍ଶନ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟମନ୍ତ୍ରୀ ବାନାର୍ଜୀଙ୍କୁ ଫୋନ୍ କରି କେନ୍ଦ୍ର ତରଫରୁ ପଶ୍ଚିମବଙ୍ଗକୁ ସବୁ ପ୍ରକାର ସହାୟତା ଯୋଗାଇଦେବାର ଆଶ୍ୱାସନା ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କଠାରୁ ଆଶ୍ୱାସନା ପାଇ ମୁଖ୍ୟମନ୍ତ୍ରୀ ବାନାର୍ଜୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅମ୍ପନ ପ୍ରକୋପରେ ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା, ପୂର୍ବ ଓ ପଶ୍ଚିମ ମେଦିନାପୁର, କୋଲକାତା, ହାଓଡ଼ା ଓ ହୁଗ୍‌ଲୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଯାଇଛି। ରାଜ୍ୟର କୃଷି, ଶକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜାଣିବାକୁ ପାଇଛନ୍ତି। ସାରା ଦେଶ ଓ କେନ୍ଦ୍ର ସରକାର ପଶ୍ଚିମବଙ୍ଗବାସୀଙ୍କ ବିପତ୍ତି ▶▶ ୭

ନିତିଦିନ NITIDIN Sat, May 23, 2020
http://odishanewsnitidin.com